# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 February - 2025**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ଚଳିତ ଖରିଫ୍ ଋତୁରେ ବର୍ତ୍ତମାନ ସୁଦ୍ଧା ୬୧ ଲକ୍ଷ ୭୭ହଜାର ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ଧାନ କରାଯାଇଛି ସଂଗ୍ରହ

- ଆସନ୍ତାବର୍ଷ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ପଞ୍ଚାୟତଗୁଡ଼ିକୁ ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ; ବିଧାନସଭାରେ କହିଲେ, ବିଭାଗୀୟ ମନ୍ତ୍ରୀ

- ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ଆଜି ୯ ବର୍ଷ ପୂରିଲା

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ହକି ପ୍ରୋ-ଲିଗ୍‌ରେ ଆଜି ଖେଳାଯିବ ୩ଟି ମ୍ୟାଚ୍

## ବିଧାନସଭା

ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ବର୍ତ୍ତମାନସୁଦ୍ଧା ୬୧ ଲକ୍ଷ ୭୭ହଜାର ୪୮୮ ମେଟ୍ରିକ୍‌ଟନ୍ ଖରିଫ୍ ଧାନ ସଂଗ୍ରହ କରାଯାଇଛି ବୋଲି ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗନେଇ ଶ୍ରୀ ପାତ୍ର କହିଛନ୍ତି, ଧାନକିଣା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି। ଅନିୟମିତତା ପ୍ରଦର୍ଶନ କରୁଥିବା କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୬ଟି ମିଲ୍ ମାଲିକଙ୍କୁ କଳା ତାଲିକାଭୁକ୍ତ କରାଯିବା ସହିତ ୯ ଜଣ ମିଲର୍‌ଙ୍କ ବିରୋଧନରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ବିଧାନସଭା-ପାନୀୟ ଜଳ

ଆସନ୍ତାବର୍ଷ ଶେଷ ସୁଦ୍ଧା ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ ବୋଲି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ସୂଚନା ଅନୁସାରେ, ରାଜ୍ୟରେ ୪୬ ହଜାର

୫୩୧ଟି ଗାଁ ରହିଛି।  ଗ୍ରାମପଞ୍ଚାୟତରେ ଥିବା ଓ୍ୱାର୍ଡ୍‌ଗୁଡ଼ିକ ମଧ୍ୟରୁ ୫୨ ହଜାରରୁ ଅଧିକ ଓ୍ୱାର୍ଡ୍‌କୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଇଛି। ବାକି ୪୦ ହଜାରରୁ ଊର୍ଦ୍ଧ୍ୱ ଓ୍ୱାର୍ଡ୍‌କୁ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ରାସ୍ତା କାମ ସମ୍ପୂର୍ଣ୍ଣ

ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୫ ହଜାର ୩୯୭ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି ବୋଲି ବିଧାନସଭାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଏହି ଯୋଜନାରେ ସଡକ ନିର୍ମାଣ ପାଇଁ  ପ୍ରାୟ ୯ ହଜାର ୯୬୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଚଳିତବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କର ସଡକ ନିର୍ମାଣ ଯୋଜନାରେ ୮ ହଜାର ୪୯୮ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରାଯାଇ ୬ ହଜାର ୮୫୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

## ବିଧାନସଭା-ହାତୀ ମୃତ୍ୟୁ

ରାଜ୍ୟରେ ବାର୍ଷିକ ୮୧ଟି ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି। ସୂଚନା ଅନୁସାରେ, ଗତବର୍ଷ ନଭେମ୍ବର ମାସରେ ହୋଇଥିବା ହାତୀ ଗଣନା ଅନୁସାରେ, ରାଜ୍ୟରେ ୨ହଜାର ୧୦୩ ହାତୀ ଥିଲେ।

## ରାଜ୍ୟରେ ଶ୍ରମିକ ମୃତ୍ୟୁସଂଖ୍ୟା

ସରକାରୀ ସୂଚନା ଅନୁସାରେ, ବିଗତ ୩ ବର୍ଷ ମଧ୍ୟରେ ୨୬୨ ଜଣ ଶ୍ରମିକଙ୍କର ବାହାର ରାଜ୍ୟରେ ମୃତ୍ୟୁ ହୋଇଛି। ବିଧାନସଭାରେ ଶ୍ରମମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ଏକ ପ୍ରଶ୍ନର ଉତ୍ତରରେ ଗୃହକୁ ଜଣାଇଛନ୍ତି, ସରକାରଙ୍କ ତରଫରୁ ସେମାନଙ୍କ ମୃତଶରୀରକୁ ନିଜ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପାଦନ କରାଯାଇଛି। ଏହି ବାବଦରେ ସରକାର ୩୩ ଲକ୍ଷ ୬୯ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ, ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ, ୧୯୭୯ ଅନୁଯାୟୀ, ୭୦ ହଜାର ୧୪୨ ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରେ ନିଯୋଜନ ନିମନ୍ତେ ଠିକାଦାରମାନଙ୍କୁ ୧ ହଜାର ୩୭ଟି ଲାଇସେନ୍ସ ପ୍ରଦାନ କରାଯାଇଛି।

## +୨ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତଦୁଇ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲିଥିଲା। ଚଳିତବର୍ଷ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେଉଛନ୍ତି । ଆସନ୍ତାମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଚଳିତବର୍ଷ ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ପ୍ରଥମ ଥର ପାଇଁ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷାକୁ ଏକ ସମୟରେ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୁକ୍ତଦୁଇ ପରୀକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଚାପମୁକ୍ତ ହୋଇ ପରୀକ୍ଷା ଦେବା ପାଇଁ ପରାମର୍ଶ ଦେଇଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ହାଇକୋର୍ଟ ସମେତ କଟକ ଜିଲ୍ଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକ୍‌ସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ମାସ ୮ ତାରିଖରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ଦେଓ୍ୱାନୀ ଓ ଫୌଜଦାରୀର ପ୍ରାକ୍ ବିଚାରାଧୀନ ମକଦମା,

ଜମି ବିବାଦ, ଗାଡ଼ି ଦୁର୍ଘଟଣା, ଶ୍ରମ ଆଦି ମାମଲାଗୁଡ଼ିକର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଜନସାଧାରଣ ଜିଲ୍ଲା ବା ତାଲୁକ୍‌ସ୍ତରୀୟ ଆଇନ୍‌ସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରି କିମ୍ବା ଟେଲିଫୋନ୍ ନମ୍ବର ୦୬୭୧-୨୩୬୮୩୮୩ରେ ଯୋଗାଯୋଗ କରି ବିସ୍ତୃତ ସୂଚନା ପାଇପାରିବେ ବୋଲି କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

# ପିଏମ୍-ଫସଲ ବୀମା ଯୋଜନା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ଆଜି ୯ ବର୍ଷ ପୂରିଛି । ୨୦୧୬ ମସିହାରେ ଫସଲ ହାନୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ଶିକାର ହୋଇଥିବା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

କୃଷକଙ୍କ ଆୟକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ଏହି ଯୋଜନାରେ ଅଭିନବ କୃଷି ପଦ୍ଧତିର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରୁଛି।  ଆଗାମୀ ଆର୍ଥିକବର୍ଷରେ ଏହି ଯୋଜନାରେ କେନ୍ଦ୍ର ସରକାର ବଜେଟ୍‌ରେ ଅଣସ୍ତରୀ ହଜାର ୫୧୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲ

ବୀମା ଯୋଜନା ଏବଂ ପାଣିପାଗ ଭିତ୍ତିକ ଫସଲ ବୀମା ଯୋଜନା ଜାରି ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ।

# ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଫାଲଗୁନ କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗନୀତି ଶେଷ ହେବା ପରେ ଏହି ଗୁପ୍ତ ନୀତି କରାଯିବ । ଅପରାହ୍ଣ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ବନକଲାଗି ନୀତି ପାଇଁ ଆସନ୍ତାକାଲି ଓ ତା ପରଦିନ ଦୁଇଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଗ୍ରୀଷ୍ମ-ମାର୍ଗଦର୍ଶିକା

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା ଓ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ଏ ନେଇ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖାଯାଇଛି । ମଧ୍ୟାହ୍ନ ସମୟରେ ବାହ୍ୟ କାର୍ଯ୍ୟକ୍ରମକୁ ସୀମିତ ରଖିବାକୁ କୁହାଯାଇଛି । ଉଚ୍ଚଶିକ୍ଷାନୁଷ୍ଠାନ-ଗୁଡ଼ିକରେ ଓଆରଏସ୍ ଓ ପାନୀୟ ଜଳ ମହଜୁଦ୍ ରଖିବା ସହ ଆବଶ୍ୟକସ୍ଥଳେ ନଳକୂପ ଏବଂ ପାଣି ପମ୍ପ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମାର୍ଗଦର୍ଶିକାର କାର୍ଯ୍ୟକାରିତା ଯାଞ୍ଚ ପାଇଁ ଏକ ସ୍କ୍ୱାଡ୍ ଗଠନ କରାଯିବ ।

## ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଳାହାଣ୍ଡି ଜିଲ୍ଲାର ୧୯୨ ଜଣ ବରିଷ୍ଠ ନାଗରିକ ଆଜି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରାୟଗଡ଼ାରୁ କାମାକ୍ଷା ଯାତ୍ରା କରିଛନ୍ତି। ବରିଷ୍ଠ ନାଗରିକମାନେ ୫ଟି ସ୍ୱତନ୍ତ୍ର ବସ୍ ଯୋଗେ ଗତକାଲି ରାୟଗଡ଼ା ଷ୍ଟେସନ୍‌ରେ ପହଞ୍ଚିଥିଲେ । ଆସନ୍ତା ୨୩ ତାରିଖରେ ସେମାନେ କଳାହାଣ୍ଡି ପ୍ରତ୍ୟାବର୍ତ୍ତନ କରିବେ ।

## ଦାବିପତ୍ର

**ନୟାଗଡ଼** ଜିଲ୍ଲା ସ୍କୁଲ, କଲେଜ୍, ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍‌ଙ୍କୁ ପ୍ରଦାନ କରାଯାଇଛି। ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବେସରକାରୀ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀମାନଙ୍କୁ ଅବସର ପରେ ପେନସନ୍ ସହିତ ଅନ୍ୟ କେତେକ ପ୍ରସଙ୍ଗ ଉପରେ ଦାବିପତ୍ର ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଓଷ୍ଟାର ରାଜ୍ୟ ସମ୍ପାଦକ, ଜିଲ୍ଲା ସମ୍ପାଦକ ଏବଂ ଓଷ୍ଟାର ଜିଲ୍ଲା ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଇ-ରିକ୍ସା ବଣ୍ଟନ

**ନୟାଗଡ଼** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ୧୧ ଜଣ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ଏହି ଇ-ରିକ୍ସା ଦିବ୍ୟାଙ୍ଗମାନଙ୍କୁ ବଣ୍ଟନ କରାଯାଇଛି।

# ପରାମର୍ଶଦାତା ବୈଠକ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ଲାଭ ହିତାଧିକାରୀମାନେ କିପରି ପାଇବେ ଏବଂ ସଠିକ ସେବା ଯୋଗାଇଦେବା ନେଇ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆର୍ଥିକବର୍ଷ ୨୦୨୫-୨୬ ପାଇଁ ନାବାର୍ଡ ଦ୍ୱାରା ପ୍ରସ୍ତୁତ ପିଏଲ୍‌ପି ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୩ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୧୯ତମ ସଂସ୍କରଣ ହେବ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍

କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍ ହକି ପ୍ରତିଯୋଗିତାରେ ଆଜି ତିନୋଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ଅପରାହ୍ଣ ୩ଟାରେ ପୁରୁଷ ବର୍ଗରେ ଇଂଲଣ୍ଡ-ସ୍ପେନ୍ ମଧ୍ୟରେ ଖେଳାଯିବ। ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ମହିଳା ବର୍ଗରେ ଭାରତ-ସ୍ପେନ୍ ଏବଂ ରାତି ୭ଟା ୩୦ ମିନିଟ୍‌ରେ ପୁରୁଷ ବର୍ଗରେ ଭାରତ-ଜର୍ମାନୀ ମଧ୍ୟରେ ମୁକାବିଲା ହେବ ।